


ଓଡ଼ିଶା ଡ଼ଟ୍ କମ୍

odisha.com

World's first and only 24x7 Oriya news portal




Monday, Jul 17, 2006

ARCHIVE S M T W

ପ୍ରଚ୍ଛଦ

ସୂଚୀ

- ଓଡ଼ିଶା ଖବର
- ପରିବେଶ
- ବିଜ୍ଞାନ
- ଶିକ୍ଷା
- ନାରୀ
- ପ୍ରବାସୀ ଓଡ଼ିଆ
- ବାଣିଜ୍ୟ ବ୍ୟବସାୟ
- ସ୍ୱାସ୍ଥ୍ୟ
- ଜିଲ୍ଲା ଖବର
- ରାଜନୀତି
- ଅପରାଧ
- ଧର୍ମ
- କଳା
- କ୍ୟାଲେଣ୍ଡର

ଅନ୍ୟାନ୍ୟ [+]

ବିଶେଷ ସ୍ତମ୍ଭ [+]




ଜୁଲାଇ ୧୭,୨୦୦୬ ସୋମବାର

Font Problem Click here

## ଆଇଆଇଟି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି

ପ୍ରିୟ ମୁଖ୍ୟମନ୍ତ୍ରୀ

ନିକଟରେ ଅନେକ ଆଇଆଇଟି ଦେଶର କେତେକ ସହରରେ ସେମାନଙ୍କ ଶାଖା ଖୋଲିବାକୁ ଘୋଷଣା କରିଛନ୍ତି । ଆଇଆଇଟି ମୁମ୍ବାଇ ଗୋଆ, ପୁନା ଏବଂ ମୁମ୍ବାଇରେ ଶାଖା ଖୋଲିବାକୁ ନିଷ୍ପତ୍ତି ନେଇଥିବା ବେଳେ ଅହମ୍ମଦାବାଦରୁ ମଧ ଅନୁରୋଧ ପାଇଛି ।

ଆଇଆଇଟି ଚେନ୍ନାଇ ତିରୁଚିରାପଲ୍ଲୀରେ, ଆଇଆଇଟି ଖଡ଼୍ଗପୁର ରାଜରହାଟ୍, କୋଲକାତାରେ ସାଟେଲାଇଟ୍ କ୍ୟାମ୍ପସ୍ ଖୋଲିବାକୁ ଘୋଷଣା କରିଛନ୍ତି ।

ଭୁବନେଶ୍ୱରରେ ମଧ ସାଟେଲାଇଟ୍ କ୍ୟାମ୍ପସ୍ ଖୋଲାଯାଇପାରେ ବୋଲି ଖବର ପ୍ରକାଶ ପାଉ ଥିଲେ ମଧ ଏ ସମ୍ପର୍କରେ ଶେଷ ନିଷ୍ପତ୍ତି ନିଆଯାଇନଥିବା କୁହାଯାଉଛି ।

ଏହାର ଅର୍ଥ ବେଳ ଥାଉ ଥାଉ ଓଡ଼ିଶା ଉଦ୍ୟମ କଲେ ଭୁବନେଶ୍ୱରରେ ଆଇଆଇଟି ଖଡ଼ଗପୁରର ଏକ ଶାଖା ଖୋଲିପାରନ୍ତା । ଯଦି ଓଡ଼ିଶାର ଉଦ୍ୟମ ମନ୍ଥର ହେବ ତା ହେଲେ କିଏ କହିବ ଏହି ଶାଖା ଓଡ଼ିଶା ହାତରୁ ଚାଲିନଯିବ ବୋଲି ।

ଅବଶ୍ୟ ଆଇଆଇଟି ଖଡ଼ଗପୁର ଭୁବନେଶ୍ୱରରେ ସ୍ଥାପନ କରିଥିବା ତାର ପରିବର୍ଦ୍ଧିତ କାଉଣ୍ଟରରେ ଆଇଟିରେ ପିଜି ଡ଼ିପ୍ଲୋମା ପାଠ୍ୟକ୍ରମର ସୁବିଧା ଦେଉଛି । ଖୁବ୍ ଶୀଘ୍ର ଇଣ୍ଟେଲେକଚୁଆଲ୍ ପ୍ରପର୍ଟି ଲ’ ପାଠ୍ୟକ୍ରମରେ ମଧ ଶିକ୍ଷାଦାନ ଦିଆଯିବ । ଆଇଆଇଟି ଖଡ଼ଗପୁର ଭୁବନେଶ୍ୱରରେ ତାର କ୍ୟାମ୍ପସ୍ ଖୋଲିବା ଦିଗରେ ମୁଖ୍ୟମନ୍ତ୍ରୀ ଶୀଘ୍ର ଉଦ୍ୟମ କରିବା ଆବଶ୍ୟକ ।

Traffic Ran
odisha.com
31
CERTIFIED



Parasol Sun U
An
Best Pr
or Buy N
Buy am from
Privacy
UP TO
BY TON
screen
Get 10%
you buy

ଛବି [+]

ଓଡ଼ିଶାର ରାଜ୍ୟ ସରକାର ଏବଂ ଅନେକ କମ୍ପାନୀ ଆଇଆଇଟି ଖଡ଼ଗପୁରର ଗବେଷଣା ପାଠ୍ୟକ୍ରମକୁ ପ୍ରୋତ୍ସାହନ ଦେଉଛନ୍ତି । ଏଭଳି ସ୍ଥିତିରେ ଯଦି ଓଡ଼ିଶା ଆଇଆଇଟି ଖଡ଼ଗପୁରର ତୃତୀୟ କ୍ୟାମ୍ପସ ଖୋଲିବାରେ ସଫଳ ନ ହୁଏ ତେବେ ଏହା ରାଜ୍ୟ ସରକାର, ନେତା ଏବଂ ପ୍ରଶାସନିକ ଅଧିକାରୀଙ୍କ ଭୁଲ୍ ବୋଲି କୁହାଯିବ ।

ପ୍ରିୟ ମୁଖ୍ୟମନ୍ତ୍ରୀ ଏଭଳି ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରନ୍ତୁ ନାହିଁ । ଏମିତି ବି ଆମେ ବହୁତ ବିଳମ୍ବ କରି ଦେଇଛନ୍ତି, ନଚେତ୍ ଆଇଆଇଟି ଖଡ଼ଗପୁରର ଦ୍ୱିତୀୟ କ୍ୟାମ୍ପସ ଓଡ଼ିଶାରେ ହୋଇପାରିଥାନ୍ତା ।

ଓଡ଼ିଶା ଡ଼ଟ୍ କମ୍ [+]

ଦେଶର ଆଠଟି ସ୍ଥାନ ମୁମ୍ବାଇ, ଦିଲ୍ଲୀ, କୋଲକାତା, ଚେନ୍ନାଇ, ଗୁଆହାଟି, କାନପୁର, ଖଡ଼ଗପୁର ଏବଂ ରୁର୍କିରେ ଆଇଆଇଟି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲାଜି) ଅଛି । ଇଞ୍ଜିନିୟରିଂ ବିଷୟରେ ଗ୍ରାଜୁଏଟ୍ ଏବଂ ଅଣ୍ଡର ଗ୍ରାଜୁଏଟ୍ ସ୍ତରର ଶିକ୍ଷାଦାନ ଦିଆଯାଉଥିବା ଏହି ସଂସ୍ଥାନ ଗୁଡ଼ିକ ଜାତୀୟସ୍ତରର ।

ଏହି ସଂସ୍ଥା ଗୁଡ଼ିକ ଇଞ୍ଜିନିୟରିଂ ଏବଂ ଟେକନୋଲୋଜିରେ ଗବେଷଣାତ୍ମକ କାର୍ଯ୍ୟ କରିବା ସହ ଏବେ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ, ବାୟୋଲୋଜି ଏବଂ ବାୟୋଟେକନୋଲୋଜି କ୍ଷେତ୍ରରେ ମଧ ଆଗେଇଛନ୍ତି ।

ବିଶେଷ [+]

ଆଇଆଇଟି ଖଡ଼ଗପୁର ଏବେ ଇଣ୍ଟେଲେକଚୁଆଲ୍ ପ୍ରପର୍ଟି ଲ' ନାମକ ନୂତନ ପାଠ୍ୟକ୍ରମରେ ଶିକ୍ଷାଦାନ ଦେବା ସହ ଏକ ମେଡ଼ିକାଲ କଲେଜ ପାଇଁ ମଧ ନିଷ୍ପତ୍ତି ନେଇଛି ।

ଆଇଆଇଟି ହାଇଟେକ୍ କମ୍ପାନୀ ଗୁଡ଼ିକର ମୂଳପିଣ୍ଡ କହିଲେ ଅତ୍ୟୁକ୍ତି ହେବନାହିଁ । ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟ ଏବଂ ଏମଆଇଟି ଭଳି ସଂସ୍ଥା ୟାହୁ, ଗୁଗଲି ଏବଂ ବୋଷ୍ ଇଲେକ୍ଟ୍ରୋନିକସ ଭଳି ନାମୀ କମ୍ପାନୀର ମୂଳପିଣ୍ଡ ।

ସେହିଭଳି ଷ୍ଟାନଫୋର୍ଡ଼ ଓ ଏମଆଇଟି ସହ ତୁଳନୀୟ ଆଇଆଇଟି ଯେଉଁ ସ୍ଥାନରେ ଥିବା ସେ ସ୍ଥାନକୁ ହାଇଟେକ୍ କମ୍ପାନୀ ଗୁଡ଼ିକ ପସନ୍ଦ କରିବେ ନିଶ୍ଚିତ ।

ସାରା ଭାରତରୁ ଛାତ୍ରଛାତ୍ରୀ ଗ୍ରହଣ କରୁଥିବା ଆଇଆଇଟି ଯଦି ଓଡ଼ିଶାରେ ଶାଖା ଖୋଲେ ତେବେ ରାଜ୍ୟର ଆଶାୟୀ ବିଦ୍ୟାର୍ଥୀଙ୍କ ପାଇଁ ଏହା ସୁଯୋଗ ଆଣିଦେବ । ଆଇଆଇଟି ଶିକ୍ଷାର୍ଥୀ ଏବଂ ଅଧାପନାରେ ଲିପ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଅନେକ ଆଶାୟୀ ଓଡ଼ିଆ ଛାତ୍ରଛାତ୍ରୀ ଏ ଦିଗରେ ଅଧିକ ଉତ୍ସାହିତ ହେବେ ।

ଓଡ଼ିଶାରେ ଆଇଆଇଟିର ଶାଖା ଥିଲେ ଅନେକ ବେସରକାରୀ ଇଞ୍ଜିନିୟରିଂ କଲେଜର ଅଧାପକମାନେ ପିଏଚଡ଼ି କିମ୍ବା ମାଷ୍ଟର୍ସ ଡ଼ିଗ୍ରୀ କରିବାର ସୁବିଧା ପାଇବେ ।

ବର୍ତ୍ତମାନ ସେମାନଙ୍କୁ ଏଥିପାଇଁ ଖଡ଼ଗପୁର ଯିବାକୁ ପଡୁଛି । ଏହିପରି ଆଇଆଇଟିର ଏକ ଶାଖା ରାଜ୍ୟର ସମସ୍ତ ଇଞ୍ଜିନିୟରିଂ କଲେଜରେ ଶିକ୍ଷାର ମାନ ବୃଦ୍ଧି କରିବାରେ ସହାୟକ ହେବ ।

ଏବେ ଓଡ଼ିଶାରେ ଔଦ୍ୟୋଗିକରଣର ସମୟ ଚାଲିଛି । ଆଇଟିଆଇ ମାଧ୍ୟମରେ ଅନେକ ଉତ୍ତମ ଟେକନିସିଆନ ସୃଷ୍ଟି ହେଉଛନ୍ତି । ଆବଶ୍ୟକ ଅଛି କେବଳ ଉତ୍ତମ ଇଞ୍ଜିନିୟର ଏବଂ ଇଞ୍ଜିନିୟର

ଗବେଷକଙ୍କର।

ଓଡ଼ିଶାର ଇସ୍ପାତ ଏବଂ ଆଲୁମିନିୟମ ଉଦ୍ୟୋଗ ପାଇଁ ମେଟାଲର୍ଜିକାଲ ଇଞ୍ଜିନିୟରିଂ, ମାଇନ୍ସ ପାଇଁ ମାଇନିଂ ଇଞ୍ଜିନିୟରିଂ, ଇଣ୍ଡଷ୍ଟ୍ରି ପାଇଁ ଇଲେକ୍ଟ୍ରିକାଲ/ଇଣ୍ଡଷ୍ଟ୍ରିଆଲ୍ ଏବଂ ମେକାନିକାଲ ଇଞ୍ଜିନିୟରିଂ, ଗୃହ ଉଦ୍ୟୋଗ ପାଇଁ ସିଭିଲ ଇଞ୍ଜିନିୟରିଂ, ଆଇଟି ଇଣ୍ଡଷ୍ଟ୍ରି ପାଇଁ କମ୍ପ୍ୟୁଟର ସାଇନ୍ସ ଏବଂ କମ୍ପ୍ୟୁଟର ଇଞ୍ଜିନିୟରିଂ, ବାୟୋଟେକ୍ କମ୍ପାନୀ ପାଇଁ ବାୟୋଟେକ୍ନୋଲୋଜି, ଓଲଟପୁରର ନିରତାରକୁ ସହାୟତା ସକାଶେ ବାୟୋଇଞ୍ଜିନିୟରିଂ, ପାୱାର କମ୍ପାନୀ ଗୁଡ଼ିକ ପାଇଁ ଏନର୍ଜି ଇଞ୍ଜିନିୟରିଂ, କୃଷି ପାଇଁ ଏଗ୍ରିକଲଚରାଲ୍ ଇଞ୍ଜିନିୟରିଂରେ ଆଇଆଇଟି କ୍ୟାମ୍ପସର ଆବଶ୍ୟକତା ଅଛି।

ଅବଶ୍ୟ ଭୁବନେଶ୍ୱରରେ ଏନଆଇଏସ/ଆଇଆଇଏସଇଆର ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶୃତି ଦେଇଥିବା କେନ୍ଦ୍ର ଶ୍ରମମନ୍ତ୍ରୀ କହିଛନ୍ତି।

ଓଡ଼ିଶାରେ ଥିବା ଆଇଆଇଟି ଖଡ଼ଗପୁରର ପରିବର୍ଦ୍ଧିତ କାଉଣ୍ଟରକୁ ତୁରନ୍ତ ଏକ ବ୍ରାଞ୍ଚ କ୍ୟାମ୍ପସ୍‌ରେ ପରିଣତ କରିବାକୁ ରାଜ୍ୟ ସରକାର ଯତ୍‌ପରୋନାସ୍ତି ଚେଷ୍ଟା କରିବା ଆବଶ୍ୟକ।

ଏ ଦିଗରେ ଥିବା ସମସ୍ତ ବାଧାକୁ ଦୂର କରି କୋଲକାତାର ରାଜରହାଟ୍ କ୍ୟାମ୍ପସ୍ ଅପେକ୍ଷା ଦୃତ ଗତିରେ କାମ ଆଗେଇବା ଉଚିତ। ଉକ୍ତ ବ୍ରାଞ୍ଚକୁ ଯଥେଷ୍ଟ ଜମି ଦିଆଯିବା ଉଚିତ୍ ଯଦ୍ୱାରା ଆସନ୍ତା ୧୦ ବର୍ଷ ମଧ୍ୟରେ ଏହା ଏକ ସ୍ୱୟଂସମ୍ପୂର୍ଣ୍ଣ କ୍ୟାମ୍ପସ ଭାବେ ପରିଚିତ ହୋଇପାରିବ।

କେବଳ ଭୁବନେଶ୍ୱରରେ ଆଇଆଇଟି ଶାଖା କ୍ୟାମ୍ପସ ପ୍ରତିଷ୍ଠା କରି ସରକାର ବସିଗଲେ ଚଳିବ ନାହିଁ। ଯେପରି ସବୁ ସମୟରେ କେନ୍ଦ୍ର ଓଡ଼ିଶାକୁ ଅବହେଳା କରୁଛି ବୋଲି ଅଭିଯୋଗ କରାଯାଉଛି ସେହିପରି ରାଜ୍ୟ ମଧ୍ୟରେ ଅନ୍ୟାନ୍ୟ ସ୍ଥାନ ଭୁବନେଶ୍ୱର ଦ୍ୱାରା ଅବହେଳିତ ହେଉଛନ୍ତି ବୋଲି ଅଭିଯୋଗ ମଧ ହେଉଛି।

ତେଣୁ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଆଇଆଇଟିର ପରିବର୍ଦ୍ଧିତ କାଉଣ୍ଟର ଖୋଲାଯିବା ଉଚିତ୍। ଅନେକ ରାଜ୍ୟ ଆଇଆଇଟିର ଏକାଧିକ ପରିବର୍ଦ୍ଧିତ କାଉଣ୍ଟର ଖୋଲିଥିବାରୁ ଆମେ ମଧ ଆମର ଲକ୍ଷ୍ୟକୁ ସୀମାବଦ୍ଧ ରଖିବା ଅନୁଚିତ୍। ଭୁବନେଶ୍ୱରରେ ଆଇଆଇଟି ଖଡ଼ଗପୁରର ଶାଖା ପ୍ରତିଷ୍ଠା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହାର ପରିବର୍ଦ୍ଧିତ କାଉଣ୍ଟର ଖୋଲିବାକୁ ଉଦ୍ୟମ ଜାରି ରହିବା ଉଚିତ୍।

ଭୁବନେଶ୍ୱରରେ ଆଇଆଇଟି ଖଡ଼ଗପୁରର ଶାଖା ଜରୁରୀ ମନେକରି ରାଜ୍ୟ ସରକାର ତୁରନ୍ତ ନିମ୍ନଲିଖିତ ବିଷୟ ଗୁଡ଼ିକୁ ଧ୍ୟାନ ଦେବା ଆବଶ୍ୟକ:

ଉତ୍ତର ପଶ୍ଚିମ ଓଡ଼ିଶାର ରାଉରକେଲାରେ ଏକ କ୍ୟାମ୍ପସ ପାଇଁ ଆଇଆଇଟି ଦିଲ୍ଲୀ ଏବଂ ଆଇଆଇଟି ରୁର୍କିକୁ ଅନୁରୋଧ କରାଯାଇପାରେ। (ଉଭୟ ଦିଲ୍ଲୀ ଏବଂ ରୁର୍କିକୁ ରାଉରକେଲାରୁ ଦୈନିକ ଉତ୍କଳ ଏକ୍ସପ୍ରେସ୍‌ରେ ଯାତାୟାତ ସମ୍ଭବ ହେଉଛି)।

ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁରରେ ଏକ କ୍ୟାମ୍ପସ ପାଇଁ ଆଇଆଇଟି ଚେନ୍ନାଇ ଏବଂ ଆଇଆଇଏସସି ବାଙ୍ଗାଲୋରକୁ ଅନୁରୋଧ କରାଯାଇପାରେ। (ଉଭୟ ଚେନ୍ନାଇ ଏବଂ ବାଙ୍ଗାଲୋର ବ୍ରହ୍ମପୁର ସହ ଉନ୍ନତ ରେଳ ଯୋଗାଯୋଗ ରହିଛି।)

ସମ୍ବଲପୁରରେ ଏକ କ୍ୟାମ୍ପସ ସକାଶେ ଆଇଆଇଟି ଦିଲ୍ଲୀ ସହ କଥାବାର୍ତ୍ତା କରାଯାଇପାରେ। (ସମ୍ବଲପୁରରୁ ନୂଆଦିଲ୍ଲୀକୁ ସପ୍ତାହକୁ ତିନିଥର ହୀରାକୁଦ ଏକ୍ସପ୍ରେସରେ ଯାତାୟାତ ସମ୍ଭବ)।

ବାଲେଶ୍ୱରରେ ଏକ କ୍ୟାମ୍ପସ ପାଇଁ ଆଇଆଇଟି କାନପୁରକୁ ଅନୁରୋଧ କରାଯାଇପାରେ। (ବାଲେଶ୍ୱରରୁ କାନପୁରକୁ ରାଜଧାନୀ, ପୁରୁଷୋତ୍ତମ, ନୀଳାଚଳ ଏବଂ ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ଯାତାୟାତ ସମ୍ଭବ)।

ପ୍ରିୟ ମୁଖ୍ୟମନ୍ତ୍ରୀ,

ଉପରୋକ୍ତ ଆଇଆଇଟି ଗୁଡ଼ିକ ସହ ଆଲୋଚନା କରି ସେମାନଙ୍କୁ ଗ୍ରହଣୀୟ ପ୍ରସ୍ତାବ (ମାଗଣା ଜମି) ଦେବାକୁ ଉଦ୍ୟମ କରାଯିବା ଆବଶ୍ୟକ।

ମୋଟ ଉପରେ, ବିଭିନ୍ନ କାରଣରୁ ଯଥା: ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଦି ପ୍ରସଙ୍ଗ ଯୋଗୁଁ ଭାରତ ବିଜ୍ଞାନ ଓ ବୈଷୟିକ ଗବେଷଣା କ୍ଷେତ୍ରରେ ଚୀନ୍ ଏବଂ ଆମେରିକାଠାରୁ ପଛରେ ପଡ଼ିଥିବା ଧାରଣା ସୃଷ୍ଟି ହେଉଛି।

ଦେଶର ବର୍ତ୍ତମାନର ଆର୍ଥିକ ସଫଳତାକୁ ପାଥେୟ କରି ଅନେକ ନୂତନ ସଂସ୍ଥା, ବିଶେଷ କରି ଆଇଆଇଟି ଗଢ଼ି ଉଠିବାର ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶା ଏହି ସୁଯୋଗକୁ ହାତଛଡ଼ା କରିବା ଅନୁଚିତ୍, ଯଦ୍ୱାରା ଉପର ବର୍ଣ୍ଣିତ ସ୍ୱପ୍ନ ବାସ୍ତବ ହୋଇପାରିବ।

ଚିତ୍ତ ବରାଳ
ପ୍ରଫେସର, ଆରିଜୋନା ଷ୍ଟେଟ୍ ୟୁନଭରସିଟି
ଟେମ୍ପେ, ଏଜେଡ୍ ୮୫୨୮୧



Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
**Editor in Chief: JATINDRA DASH**
ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା